PRATIVADI 01 04 2026

# ଜନଗଣନା ପ୍ରଶ୍ନାବଳୀକୁ ବିରୋଧ

■ କଟକ,ତା୩୧।୩(ପିଏନଏସ)

ଆଗାମୀ ୨୦୨୬-୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ପ୍ରଶ୍ନ ଏବଂ ବିଜ୍ଞପ୍ତିକୁ ବିରୋଧ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସମାଜସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ଏହି ଆବେଦନରେ ଜନଗଣନା ସମୟରେ ସଂଗ୍ରହ କରାଯାଉଥିବା ବ୍ୟକ୍ତିଗତ ତଥ୍ୟର ଗୋପନୀୟତା ଏବଂ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଯାଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଜନଗଣନା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀରେ ଜନସଂଖ୍ୟା ବ୍ୟତୀତ ଘରର ଚଟାଣ, କାନ୍ଥ, ମାଲିକାନା ସତ୍ତ୍ୱ, ପିଇବା ପାଣିର ଉତ୍ସ ଏବଂ ଘରର ଆସବାବପତ୍ର (ଟିଭି, ଇଣ୍ଟରନେଟ, ଗାଡ଼ି) ଭଳି ଅନାବଶ୍ୟକ ପ୍ରଶ୍ନ ରହିଛି, ଯାହା ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଉପରେ ହସ୍ତକ୍ଷେପ ବୋଲି ଅଭିଯୋଗ କରାଯାଇଛି । ସଂଗୃହୀତ ହେବାକୁ ଥିବା ବ୍ୟକ୍ତିଗତ ତଥ୍ୟ ଯେ ପ୍ରଘଟ ହେବ ନାହିଁ କିମ୍ବା କୌଣସି ତୃତୀୟ ପକ୍ଷକୁ ହସ୍ତାନ୍ତର କରାଯିବ ନାହିଁ, ସେ ନେଇ ବିଜ୍ଞପ୍ତିରେ କୌଣସି ସ୍ପଷ୍ଟ ସୁରକ୍ଷା ବ୍ୟବସ୍ଥା ନାହିଁ । ଜନଗଣନା କର୍ମଚାରୀ ସଂଗ୍ରହ କରିଥିବା ତଥ୍ୟର ଏକ ସହି ମୋହର ନକଲ ସମ୍ପୃକ୍ତ ନାଗରିକଙ୍କୁ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ, ଯାହା ଭବିଷ୍ୟତରେ ବିବାଦ ସମୟରେ ପ୍ରମାଣ ଭାବେ ବ୍ୟବହାର ହୋଇପାରନ୍ତା । ଜନଗଣନା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ପୋଲିସ ଯାଞ୍ଚ କିମ୍ବା ବ୍ୟାକଗ୍ରାଉଣ୍ଡ ଭେରିଫିକେସନ ପାଇଁ କୌଣସି ନିର୍ଦ୍ଦେଶାବଳୀ ନାହିଁ । ଏଣୁ ଜନଗଣନା ପ୍ରଶ୍ନାବଳୀକୁ ସଂଶୋଧନ କରି କେବଳ ଜନସଂଖ୍ୟା, ବୟସ ଏବଂ ଲିଙ୍ଗ ଭଳି ଆବଶ୍ୟକୀୟ ତଥ୍ୟ ମଧ୍ୟରେ ସୀମିତ ରଖାଯିବା ସହ ସଂଗୃହିତ ତଥ୍ୟର ଏକ ନକଲ ସମ୍ପୃକ୍ତ ନାଗରିକଙ୍କୁ ଗଣନାକାରୀଙ୍କ ଦସ୍ତଖତ ଏବଂ ସହି ମୋହର ନକଲ ପ୍ରଦାନ କରିବା ତଥା ତଥ୍ୟ ଚୋରି କିମ୍ବା ଅପବ୍ୟବହାର ରୋକିବା ପାଇଁ କଠୋର ନିୟମ ପ୍ରଣୟନ ସହ ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ଏଥିରେ ନିବେଦନ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ଏହି ମାମଲା ପରିଚାଳନା କରୁଛନ୍ତି ।

**ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

# ଆଗାମୀ ୩ ଦିନ ହାଇକୋର୍ଟ ଛୁଟି

■ କଟକ,ତା ୩୧।୩ (ପିଏନଏସ)

ଓଡ଼ିଶା ହାଇକୋର୍ଟ ଏପ୍ରିଲ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଛୁଟି ରହିବ । ହାଇକୋର୍ଟଙ୍କ କ୍ୟାଲେଣ୍ଡର ଅନୁଯାୟୀ ଏପ୍ରିଲ ୧ (ବୁଧବାର) ଉତ୍କଳ ଦିବସ ଓ ଏପ୍ରିଲ ୩ ଗୁଡ ଫ୍ରାଇଡେ (ଶୁକ୍ରବାର) ପାଇଁ ପୂର୍ବରୁ ଛୁଟି ଘୋଷିତ ହୋଇଛି । ତେବେ ଏପ୍ରିଲ ୨ ତାରିଖ (ଗୁରୁବାର) ଓଡ଼ିଶା ହାଇକୋର୍ଟ ଛୁଟି ଘୋଷଣା କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇ ଏହି ଦିନକୁ ଛୁଟି ଭାବେ ଘୋଷଣା କରାଯାଇଛି । ଫଳରେ ଏପ୍ରିଲ ୧ରୁ ୩ ଅର୍ଥାତ୍ ଲାଗାତାର ୩ ଦିନ ହାଇକୋର୍ଟ ବନ୍ଦ ରହିବ ।

ଅନ୍ୟପକ୍ଷରେ ଏପ୍ରିଲ ୨ ତାରିଖ ବଦଳରେ ଅଗଷ୍ଟ ୨୯ ତାରିଖ (ଶନିବାର) ଦିନ ହାଇକୋର୍ଟ ଖୋଲା ରହିବ ଏବଂ ଏହା ଏକ କାର୍ଯ୍ୟ ଦିବସ ଭାବେ ଗଣ୍ୟ ହେବ ହେବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ରେଜିଷ୍ଟ୍ରାର (ନ୍ୟାୟିକ)ଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।